ଭାରତ ସଂଘ ଏବଂ ଅନ୍ୟମାନେ

ବନାମ

ବଢ଼େଇ କର୍ମଚାରୀ ସଂଘ ଏବଂ ଅନ୍ୟମାନେ

ନଭେମ୍ବର 30, 2006

[ଡ. ଏ. ଆର୍. ଲକ୍ଷ୍ମଣନ୍ ଏବଂ ତରୁଣ ଚାଟାର୍ଜୀ, ନ୍ୟାୟମୂର୍ତ୍ତିଦ୍ଵୟ]

*ସେବା ଆଇନ:*

*ବେତନ ହାର - ଅଲ୍ ଇଣ୍ଡିଆ ରେଡିଓ ଏବଂ ଟିଭିର ମୁଖ୍ୟ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟର ବଢ଼େଇମାନେ - ଏହା ନିର୍ଣ୍ଣୟ କରାଯାଇଥିଲା ଯେ, ଯେହେତୁ ପୂର୍ବାଞ୍ଚଳର ବଢ଼େଇମାନଙ୍କ ସମ୍ବନ୍ଧରେ ଆଦେଶ ପାରିତ ହୋଇସାରିଛି, ତେଣୁ ଅନ୍ୟ ସମସ୍ତ ଅଞ୍ଚଳରେ ସମାନ ମାନଦଣ୍ଡ କାର୍ଯ୍ୟକାରୀ କରିବାକୁ ଏବଂ ସେହି ସମସ୍ତ ଅଞ୍ଚଳର କର୍ମଚାରୀମାନଙ୍କୁ ସମାନ ତାରିଖ ଠାରୁ ସମାନ ସୁବିଧା ପ୍ରଦାନ କରିବାକୁ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।*

ବଢ଼େଇମାନଙ୍କ ବେତନ ହାର ସମ୍ବନ୍ଧରେ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ଆପତ୍ତି କରି ଭାରତ ସଂଘ ଏହି ବିଶେଷ ଅନୁମତି ଆବେଦନ ଦାୟର କରିଥିଲା । ଆବେଦନର ଶୁଣାଣି ସମୟରେ ନ୍ୟାୟାଳୟଙ୍କ ଦୃଷ୍ଟିକୁ ଏହା ଅଣାଯାଇଥିଲା ଯେ ପୂର୍ବାଞ୍ଚଳର ବଢ଼େଇମାନଙ୍କ ବେତନ ହାର ବୃଦ୍ଧି କରି କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ 6.8.1999 ର ଆଦେଶକୁ ଅନୁପାଳନ କରାଯାଇଛି, ଯାହା ଏହାକୁ 1.1.1986 ଠାରୁ ଆନୁମାନିକ ଭାବରେ 1200-1800 ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଥିଲା ଏବଂ ସେମାନଙ୍କୁ 1.1.1996 ଠାରୁ ପ୍ରକୃତରେ 4000-6000 ଟଙ୍କାର ସଂଶୋଧିତ ବେତନ ହାର ପ୍ରଦାନ କରିଥିଲା ।

ଏହି ଆବେଦନକୁ ଖାରଜ କରି ନ୍ୟାୟାଳୟ

ନିର୍ଣ୍ଣୟ କରିଥିଲେ ଯେ: ଯେହେତୁ ପୂର୍ବାଞ୍ଚଳର ବଢ଼େଇମାନଙ୍କ ସମ୍ବନ୍ଧରେ ଆଦେଶ ପାରିତ ହୋଇସାରିଛି, ତେଣୁ ଅନ୍ୟ ସମସ୍ତ ଅଞ୍ଚଳରେ ସମାନ ମାନଦଣ୍ଡ କାର୍ଯ୍ୟକାରୀ କରିବାକୁ ଏବଂ ସେହି ସମସ୍ତ ଅଞ୍ଚଳର କର୍ମଚାରୀମାନଙ୍କୁ ସମାନ ତାରିଖ ଠାରୁ ସମାନ ସୁବିଧା ଇତ୍ୟାଦି ପ୍ରଦାନ କରିବାକୁ ଭାରତ ସଂଘ ଏବଂ ପ୍ରସାର ଭାରତୀକୁ ନିର୍ଦ୍ଦେଶ ଦିଆଯାଇଛି । [905-H; 906-A]

ଭାରତ ସଂଘ ବନାମ ବଢ଼େଇ କର୍ମଚାରୀ ସଂଘ [ନ୍ୟାୟମୂର୍ତ୍ତି ଡ. ଏ. ଆର୍. ଲକ୍ଷ୍ମଣନ୍]

ଦେୱାନୀ ଆବେଦନ ଅଧିକାରିତା: ବିଶେଷ ଅନୁମତି ଆବେଦନ (ଦେୱାନୀ) ସଂଖ୍ୟା 7000/2004 ।

ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 7454/2001 ରେ ନୂଆଦିଲ୍ଲୀସ୍ଥିତ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ 1.10.2003 ର ଚୂଡ଼ାନ୍ତ ରାୟ ଏବଂ ଆଦେଶରୁ ଆବେଦନ ।

ଆବେଦନକାରୀମାନଙ୍କ ତରଫରୁ ଅତିରିକ୍ତ ମହା ନ୍ୟାୟାଭିକର୍ତ୍ତା ପି. ପି. ମଲହୋତ୍ରା, ହରିଶ ଚନ୍ଦ୍ରା, ସୁଶ୍ରୀ କିରଣ ଭରଦ୍ୱାଜ, ସୁଶ୍ରୀ ସାଧନା ସାନ୍ଧୁ, ଭି. କେ. ବର୍ମା ଏବଂ ପି. ପରମେଶ୍ୱରନ୍ ।

ଉତ୍ତରଦାତାମାନଙ୍କ ତରଫରୁ ଭି. ମୋହନା (ଅଭିଜିତ୍ ସେନଗୁପ୍ତାଙ୍କ ପାଇଁ) ଏବଂ ପି. ଭି. ଯୋଗେଶ୍ୱରନ୍ ।

ନ୍ୟାୟାଳୟଙ୍କ ରାୟ **ନ୍ୟାୟମୂର୍ତ୍ତି ଡ. ଏ. ଆର୍. ଲକ୍ଷ୍ମଣନ୍** ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା:

ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 7454/2001 ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ 1.10.2003 ର ରାୟ ଏବଂ ଆଦେଶ ବିରୁଦ୍ଧରେ ଏହି ବିଶେଷ ଅନୁମତି ଆବେଦନ ଦାୟର ହୋଇଥିଲା, ଯେଉଁଥିରେ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସଚିବଙ୍କ ମାଧ୍ୟମରେ ଭାରତ ସଂଘ ଏବଂ ଅନ୍ୟମାନଙ୍କ ଦ୍ୱାରା କରାଯାଇଥିବା ଆବେଦନକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିଲେ; ମହାନିର୍ଦ୍ଦେଶକ, ଅଲ୍ ଇଣ୍ଡିଆ ରେଡିଓ, ନୂଆଦିଲ୍ଲୀ ଏବଂ ମୁଖ୍ୟ ଇଞ୍ଜିନିୟର (ଉତ୍ତରାଞ୍ଚଳ), ଆକାଶବାଣୀ ଏବଂ ଦୂରଦର୍ଶନ, ଜାମନଗର, ନୂଆଦିଲ୍ଲୀ ।

ଡବ୍ଲୁପିସିଟି ସଂଖ୍ୟା 505/99 ରେ କଲିକତା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା 08.07.2002 ରେ ପାରିତ ଆଦେଶ ଉପରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ନିର୍ଭର କରିଛନ୍ତି ଯାହାକୁ ଅନ୍ୟ ଏକ ବିଶେଷ ଅନୁମତି ଆବେଦନ ସଂଖ୍ୟା ସିସି 11231/2003 ଦ୍ୱାରା ଆପତ୍ତି କରାଯାଇଥିଲା । ଉକ୍ତ ବିଶେଷ ଅନୁମତି ଆବେଦନ ମୁଖ୍ୟ ଇଞ୍ଜିନିୟର (ପୂର୍ବାଞ୍ଚଳ) ଙ୍କ ଦ୍ୱାରା ପି. ଭକ୍ତ ଏବଂ ଅନ୍ୟମାନଙ୍କ ବିରୋଧରେ ଦାୟର କରାଯାଇଥିଲା । ବିଳମ୍ବତା ଆଧାରରେ ଏହି ନ୍ୟାୟାଳୟ ଉକ୍ତ ବିଶେଷ ଅନୁମତି ଆବେଦନକୁ 08.01.2004 ରେ ଖାରଜ କରିଦେଇଥିଲେ । ପରବର୍ତ୍ତୀ ସମୟରେ, ଅଲ୍ ଇଣ୍ଡିଆ ରେଡିଓ ଏବଂ ଟେଲିଭିଜନର ମୁଖ୍ୟ ଇଞ୍ଜିନିୟର (ପୂର୍ବ ଜୋନ୍)ଙ୍କ ଦ୍ୱାରା ଏକ ସମୀକ୍ଷା ଆବେଦନ ଦାୟର କରାଯାଇଥିଲା ଏବଂ ଉକ୍ତ ସମୀକ୍ଷା ଆବେଦନଟିକୁ ମଧ୍ୟ ଏହି ନ୍ୟାୟାଳୟଙ୍କ ଦ୍ୱାରା 12.08.2004 ରେ ଖାରଜ କରାଯାଇଥିଲା । ଏହା ପରେ, ମୂଳ ଆବେଦନ ସଂଖ୍ୟା

114/91 ରେ *ଶ୍ରୀଯୁକ୍ତ ପି. ଭକ୍ତ ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ* ମାମଲାରେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ 06.08.1999 ର ଆଦେଶ ଅନୁଯାୟୀ ପ୍ରସାର ଭାରତୀ (ଭାରତୀୟ ପ୍ରସାରଣ ନିଗମ), ଅଲ୍ ଇଣ୍ଡିଆ ରେଡିଓର ସାଧାରଣ ନିର୍ଦ୍ଦେଶାଳୟ (ଯୋଜନା ଏବଂ ବିକାଶ ବିଭାଗ) ସେମାନଙ୍କର 29.9.2004/8.10.04 ର ଆଦେଶ ଦ୍ୱାରା ଏକ ଆଦେଶ ପାରିତ କରିଥିଲେ । ଉକ୍ତ ଆଦେଶ ଦ୍ୱାରା, ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଥିବା ପ୍ରସାର ଭାରତୀର (ଭାରତୀୟ ପ୍ରସାରଣ ନିଗମ) (ମହାନିର୍ଦ୍ଦେଶକ, ଅଲ୍ ଇଣ୍ଡିଆ ରେଡିଓ) ଅଧୀନରେ ଥିବା କଲିକତାସ୍ଥିତ ଅଲ୍ ଇଣ୍ଡିଆ ରେଡିଓ ଏବଂ ଟିଭିର ମୁଖ୍ୟ ଇଞ୍ଜିନିୟର (ପୂର୍ବାଞ୍ଚଳ)ଙ୍କ କାର୍ଯ୍ୟାଳୟରେ ବଢ଼େଇ ଭାବରେ କାର୍ଯ୍ୟ କରୁଥିବା ଉପରୋକ୍ତ ମୂଳ ଆବେଦନର ସାତ ଜଣ ଆବେଦନକାରୀଙ୍କ ବେତନ ହାରକୁ 01.01.1986 ଠାରୁ ଆନୁମାନିକ ଭାବରେ 1200-1800 ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା ଏବଂ କେବଳ ସେହି ଆବେଦନକାରୀମାନଙ୍କ କ୍ଷେତ୍ରରେ 01.01.1996 ଠାରୁ ସେମାନଙ୍କ ସଂଶୋଧିତ ବେତନ ହାର ପ୍ରକୃତରେ 4000-6000 ଟଙ୍କା ପର୍ଯ୍ୟନ୍ତ କରାଯାଇଥିଲା । ଉକ୍ତ ଆଦେଶରେ ଏହା ମଧ୍ୟ କୁହାଯାଇଛି ଯେ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ଅନୁମୋଦନ ଏବଂ ସୂଚନା ଏବଂ ପ୍ରସାରଣର ସମନ୍ୱିତ ଅର୍ଥ ବିଭାଗର ଅନୁମୋଦନ ସଂଖ୍ୟା 1038/2004 ଦ୍ୱାରା ସହମତି ପ୍ରକାଶ କରିବା ଉପରେ ଏହି ଆଦେଶ ଜାରି କରାଯାଇଥିଲା । ଯେହେତୁ ପୂର୍ବାଞ୍ଚଳର ବଢ଼େଇମାନଙ୍କ ସମ୍ବନ୍ଧରେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଆଦେଶ ପାଳନ ହୋଇସାରିଛି, ତେଣୁ ଏହି ବିଶେଷ ଅନୁମତି ଆବେଦନକୁ ଗ୍ରହଣ କରିବାର କୌଣସି ଆବଶ୍ୟକତା ନାହିଁ, ଯାହା ସମାନ ପ୍ରସଙ୍ଗ ଉତ୍ଥାପନ କରିଛି । ତଦନୁସାରେ ବିଶେଷ ଅନୁମତି ଆବେଦନ ଖାରଜ ହୋଇଛି ।

ବର୍ତ୍ତମାନ ଯେତେବେଳେ ପୂର୍ବାଞ୍ଚଳର ବଢ଼େଇମାନଙ୍କ ସମ୍ବନ୍ଧରେ ଆଦେଶ ପାରିତ କରାଯାଇଛି, ତେଣୁ ଅନ୍ୟ ସମସ୍ତ ଅଞ୍ଚଳରେ ସମାନ ମାନଦଣ୍ଡ କାର୍ଯ୍ୟକାରୀ କରିବାକୁ ଏବଂ ସେହି ସମସ୍ତ ଅଞ୍ଚଳର କର୍ମଚାରୀମାନଙ୍କୁ ସମାନ ତାରିଖ ଠାରୁ ସମାନ ସୁବିଧା ଇତ୍ୟାଦି ପ୍ରଦାନ କରିବାକୁ ଭାରତ ସଂଘ ଏବଂ ପ୍ରସାର ଭାରତୀକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ନ୍ୟାୟାଳୟଙ୍କ ଉପରୋକ୍ତ ଆଦେଶର ଅନୁପାଳନ କରିବା ପାଇଁ ଭାରତ ସଂଘ ଏବଂ ପ୍ରସାର ଭାରତୀକୁ ତିନି ମାସ ସମୟ ଦିଆଯାଇଛି ।

ଉପଯୁକ୍ତ ତାରିଖରେ ନିର୍ଣ୍ଣୟ ନେବା ପାଇଁ ବିଧିଗତ ପ୍ରଶ୍ନକୁ ଖୋଲା ରଖାଯାଇଛି ।

ଆର୍.ପି. ବିଶେଷ ଅନୁମତି ଆବେଦନକୁ ଖାରଜ କରାଗଲା ।

**ଅସ୍ବୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ବୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।